# NATIONAL NEWS BULLETIN (ODIA)

## 27 February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା, ସଂସ୍କାର ଓ ଅର୍ଥ ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନର ଜୈସଲମେର୍‌ଠାରେ ଭାରତୀୟ ବାୟୁସେନାର ଅଭ୍ୟାସ କାର୍ଯ୍ୟକ୍ରମ ବାୟୁଶକ୍ତିକୁ ଆଜି ସମୀକ୍ଷା କରିବେ ରାଷ୍ଟ୍ରପତି ।
- ଭାରତକୁ ଆଜିଠାରୁ ସରକାରୀ ଗସ୍ତରେ ଆସୁଛନ୍ତି କାନାଡ଼ା ପ୍ରଧାନମନ୍ତ୍ରୀ ।
- ପାରାଦୀପ ବନ୍ଦରରେ ଜେ.ଟି. ବିକାଶ ବ୍ୟବସ୍ଥାକୁ ବନ୍ଦର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ଅନୁମୋଦନ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଜିମ୍ବାୱେକୁ ୭୨ ରନ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ଣରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା, ସଂସ୍କାର ଏବଂ ଅର୍ଥ ଶୀର୍ଷକ ବଜେଟ୍ ପରବର୍ତ୍ତି ୱେବିନାରକୁ ସମ୍ବୋଧନ କରିବେ । ସାର୍ବଜନୀନ ପୁଞ୍ଜିବିନିଯୋଗ, ଭିତ୍ତିଭୂମି ବିକାଶ, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସଂସ୍କାର, ପୁଞ୍ଜିବଜାରକୁ ଅଧିକ ସୁଦୃଢ଼ କରିବା ଏବଂ କର ସଂସ୍କାର ମାଧ୍ୟମରେ ସହଜ ଜୀବନଶୈଳୀ ଉପରେ ୱେବିନାରରେ ଆଲୋଚନା ହେବ ।

୨୦୨୬-୨୭ କେନ୍ଦ୍ରୀୟ ବଜେଟ୍‌ରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଆଧାରିତ ବଜେଟ୍ ପରବର୍ତ୍ତୀ ୱେବିନାର ଶୃଙ୍ଖଳାରେ ଏହା ହେବ ପ୍ରଥମ ୱେବିନାର । ଅତୀତର ଅଭିଜ୍ଞତାରୁ ଶିକ୍ଷା ଏବଂ ଅଂଶଗ୍ରହଣକାରୀଙ୍କଠାରୁ ହସ୍ତଗତ ମତାମତ ଆଧାରରେ ପ୍ରସ୍ତୁତ ବଜେଟ୍‌ର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ ଏବଂ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ୱେବିନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏଥିରେ ଶିଳ୍ପଦ୍ୟୋଗ, ଆର୍ଥିକ ପ୍ରତିଷ୍ଠାନ, ବଜାର ଅଂଶଗ୍ରହଣକାରୀ, ସରକାର, ଶିଳ୍ପ ନିୟାମକ ଏବଂ ଶିକ୍ଷାନୁଷ୍ଠାନର ପ୍ରମୁଖ ଅଂଶିଦାର ଯୋଗଦେବେ ।

# ପ୍ରେଜ୍-ଜୈସଲମେର୍

ରାଜସ୍ଥାନର ଜୈସଲମେର୍ ଠାରେ ଭାରତୀୟ ବାୟୁସେନାର ଅଭ୍ୟାସ କାର୍ଯ୍ୟକ୍ରମ ବାୟୁ ଶକ୍ତିକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମୀକ୍ଷା କରିବେ । ରାଷ୍ଟ୍ରପତି ମୁର୍ମୁ ରାଜସ୍ଥାନ ଦୁଇ ଦିନିଆ ଗସ୍ତରେ ଯାଇ ଗତ ସନ୍ଧ୍ୟାରେ ଜୈସଲମେର୍‌ରେ ପହଞ୍ଚିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଅଭ୍ୟାସ ପୂର୍ବରୁ ସ୍ୱଦେଶୀ ହାଲୁକା ଯୁଦ୍ଧ ହେଲିକପ୍ଟର ପ୍ରଚଣ୍ଡରେ ରାଷ୍ଟ୍ରପତି ଉଡ଼ାଣ କରିବାର କାର୍ଯ୍ୟସୂଚୀ ରହିଛି । ଦୁଇଟି ହେଲିକପ୍ଟର ଏଥିପାଇଁ ନିୟୋଜିତ ହେବ । ଅନ୍ୟ ହେଲିକପ୍ଟରରେ ବାୟୁସେନା ମୁଖ୍ୟ ଏୟାର୍ ଚିଫ୍ ମାର୍ସଲ୍ ଅମରପ୍ରୀତ ସିଂହ ଉଡ଼ାଣ କରିବେ । ପ୍ରଚଣ୍ଡ ହେଉଛି – ଭାରତର ପ୍ରଥମ ସ୍ୱଦେଶୀ ପ୍ରସ୍ତୁତ ଏବଂ ବିକଶିତ ଯୁଦ୍ଧ ହେଲିକପ୍ଟର । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭାରତ-ପାକିସ୍ତାନ ସୀମା ନିକଟସ୍ଥ ପୋଖରାନ୍ ଫିଲ୍ଡ ଫାୟାରିଂ ରେଞ୍ଜର ଭାରତୀୟ ବାୟୁସେନାର ଏହି ବୃହତ ଅଭ୍ୟାସ କାର୍ଯ୍ୟକ୍ରମ ବାୟୁଶକ୍ତିରେ ଯୋଗଦେବେ । ଏଥିରେ ଭାରତୀୟ ବାୟୁସେନାର ବିଭିନ୍ନ ବିମାନ ସେମାନଙ୍କର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବେ । କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଯୋଗଦେବେ ।

# ଆଇଆଇଏମ୍‌ସି ୫୭ କନ୍‌ଭୋକେସନ୍‌-ଭିପି

ନୂଆଦିଲ୍ଲୀରେ ଆଜି ଭାରତୀୟ ଗଣ ଯୋଗାଯୋଗ ସଂସ୍ଥାନ ଆଇ.ଆଇ.ଏମ୍.ସି.ର ୫୭ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସଂସ୍ଥାନର କୁଳପତି ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ ।

ସଂସ୍ଥାନର ସମସ୍ତ ୬ଟି କ୍ୟାମ୍ପସ୍‌ରେ ବିଭିନ୍ନ ପାଠ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ୨୩ଟି ନଗଦ ଅର୍ଥରାଶି ପୁରସ୍କାର ସହିତ ୩୫ଟି ପଦକ ପ୍ରଦାନ କରାଯିବ । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍ ଏହି ଅବସରରେ ଆଇ.ଆଇ.ଏମ୍.ସି. ନୂଆଦିଲ୍ଲୀରେ ନୂତନ ଏକାଡେମୀ ବ୍ଲକ୍ ଏବଂ ଛାତ୍ରାବାସ ବ୍ଲକ୍ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ମନ୍ତ୍ରୀ ଶ୍ରୀ ବୈଷ୍ଣବ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ସଂସ୍ଥାନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଇନ୍‌କ୍ୟୁବେସନ୍ କେନ୍ଦ୍ରଠାରେ କ୍ରିଏଟର୍ସ୍ ଲାଉଞ୍ଜର ମଧ୍ୟ ଉଦ୍‌ଘାଟନ କରିବେ ।

# କାନାଡ଼ା ପିଏମ୍ ଇଣ୍ଡିଆ ଭିଜିଟ୍

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନେ ଆଜିଠାରୁ ଭାରତକୁ ସରକାରୀ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ କାର୍ନେଙ୍କର ଏହା ଭାରତକୁ ପ୍ରଥମ ସରକାରୀ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ କାର୍ନେ ଆଜି ମୁମ୍ବାଇରେ ପହଞ୍ଚିବେ । ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତ ଅବସରରେ ଶ୍ରୀ କାର୍ନେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମୁମ୍ବାଇଠାରେ ବିଭିନ୍ନ ବ୍ୟାବସାୟିକ କାର୍ଯ୍ୟକ୍ରମରେ ଶ୍ରୀ କାର୍ନେ ଅଂଶଗ୍ରହଣ କରିବା ସହ ମାର୍ଚ୍ଚ ପହିଲାରେ ନୂଆଦିଲ୍ଲୀରେ ପହଞ୍ଚିବେ । ଏହା ପରଦିନ ହାଇଦ୍ରାବାଦ ହାଉସ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶ୍ରୀ କାର୍ନେଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ହେବ । ଉଭୟ ନେତା ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାର ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତିର ସମୀକ୍ଷା କରିବେ । ବିଭିନ୍ନ ଆଞ୍ଚଳିକ ତଥା ସ୍ୱାର୍ଥସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବ । ଉଭୟ ପ୍ରଧାନମନ୍ତ୍ରୀ ଭାରତ-କାନାଡା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫୋରମରେ ଯୋଗଦେବେ ।

ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଭାରତ-କାନାଡ଼ା ସମ୍ପର୍କକୁ ସ୍ୱଭାବିକ କରିବାରେ ଶ୍ରୀ କାର୍ଣ୍ଣେଙ୍କର ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଦୁଇ ନେତାଙ୍କ ମଧ୍ୟରେ ଆଗାମୀ ବୈଠକ ଏକ ଭବିଷ୍ୟତମୁଖୀ ଦ୍ୱିପାକ୍ଷିକ ସହଭାଗିତା ନେଇ ସକାରାତ୍ମକ ପଥ ଉନ୍ମୁକ୍ତ ହେବ ବୋଲି ଆଶା କରାଯାଉଛି ।

# ଇଣ୍ଡିଆ-କେନିଆ ଜେଡିସିସି

ଭାରତ-କେନିଆ ମିଳିତ ପ୍ରତିରକ୍ଷା ସହଯୋଗ କମିଟି ଜେ.ଡି.ସି.ସି.ର ଚତୁର୍ଥ ବୈଠକ ଗତକାଲି ଶେଷ ହୋଇଛି । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ଓ ଉତ୍ପାଦନରେ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଉଭୟ ପକ୍ଷ ସାମୁଦ୍ରିକ ସୁରକ୍ଷା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ତଥା ପାରସ୍ପରିକ ନୌସେନା ମଧ୍ୟରେ ସମନ୍ୱୟ ରକ୍ଷାକୁ ଅଧିକ ବ୍ୟାପକ କରିବା ନେଇ ମତବିନିମୟ ହୋଇଛି ।

ବୈଠକରେ ହୋଇଥିବା ଅଗ୍ରଗତି ନେଇ ଉଭୟ ପକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରତିରକ୍ଷା ସହଯୋଗକୁ ଅଧିକ ବ୍ୟାପକ ତଥା ସୁଦୃଢ଼ କରିବା ନେଇ ଏକ ପାଞ୍ଚ ବର୍ଷିଆ ରୋଡ୍ ମ୍ୟାପ୍ ପ୍ରସ୍ତୁତି ଉପରେ ଉଭୟ ଦେଶ ସହମତ ହୋଇଥିବା ଜଣାପଡ଼ିଛି । ବୈଠକରେ ଯୁଗ୍ମ ସଚିବ (ଆଇ.ସି.) ଅମିତାଭ ପ୍ରସାଦ ଏବଂ କେନିଆର ସହାୟକ ପ୍ରତିରକ୍ଷା ବାହିନୀ ମୁଖ୍ୟ ମେଜର ଜେନେରାଲ୍ ଫେଡ୍ରିକ୍ ଏଲ୍. ଲୁରିୟା ସହ ଅଧ୍ୟକ୍ଷତା କରିଥିଲେ ।

# ପାରାଦୀପ ପୋର୍ଟ୍

ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ୍, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ ପଣ୍ୟ ପରିଚାଳନା ପାଇଁ ଆନୁସଙ୍ଗୀକ ସୁବିଧା ସହିତ ଜେ.ଟି. ବିକାଶକୁ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ କରିଛି । ଏଥିପାଇଁ ପ୍ରାୟ ୭୯୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ଏହି ପ୍ରକଳ୍ପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା, ନିର୍ମାଣ, ପରିଚାଳନା ଏବଂ ସ୍ଥାନାନ୍ତର ଆଧାରରେ କାର୍ଯ୍ୟକାରୀ କରାଯିବ । ଏ ସମ୍ପର୍କରେ ସୂଚନା ଦେଇ ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ପୂର୍ବ ଭାରତରେ ନିବେଶ କ୍ଷେତ୍ରକୁ ଏହି ପଦକ୍ଷେପ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୁଯୋଗ ବ୍ୟାପକ ହୋଇପାରିବ । ଦୃଢ଼ ସବୁଜ ଶକ୍ତି ଇକୋସିଷ୍ଟମ୍ ମଧ୍ୟ ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ଶ୍ରୀ ସୋନୱାଲ କହିଛନ୍ତି । ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ୍‌ର ଦୃଷ୍ଟିକୋଣ ଆଧାରରେ ପ୍ରସ୍ତୁତ ଏହି ପ୍ରକଳ୍ପ ସ୍ୱଚ୍ଛ ଶକ୍ତି ସାମଗ୍ରୀ ପାଇଁ ବନ୍ଦର ଆଧାରିତ ପରିଚାଳନା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହିତ ଓଡ଼ିଶାରେ ସବୁଜ ଶକ୍ତି ଭିତ୍ତିଭୂମିରେ ନିବେଶକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

# ଡବ୍ଲ୍ୟୁବି-ଭୋଟର ଲିଷ୍ଟ ପବ୍ଲିକେଶସନ୍

ପଶ୍ଚିମବଙ୍ଗରେ ଚିଠା ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତାକାଲି ପ୍ରକାଶ ପାଇବ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରକାଶିତ ହେବାକୁ ଥିବା ଏହି ତାଲିକାରେ ସଂଶୋଧନ ପ୍ରକ୍ରିୟାରେ ନ୍ୟାୟିକ ଯାଞ୍ଚ ଅଧୀନରେ ଥିବା ଭୋଟରଙ୍କ ନାମ ମଧ୍ୟ ସାମିଲ ହେବ । ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ପ୍ରଥମେ ରାଜ୍ୟରେ ୭କୋଟି ୬୬ ଲକ୍ଷରୁ ଅଧିକ ଭୋଟର ରହିଥିଲେ । ସେଥିମଧ୍ୟରେ ପ୍ରାୟ ୫୮ ଲକ୍ଷ ମୃତକ, ସ୍ଥାନାନ୍ତରିତ ଏବଂ ନିଖୋଜ ଓ ନକଲି ଭୋଟର ରହିଥିଲେ । ସେମାନଙ୍କୁ ଚିଠା ତାଲିକାରୁ ବାଦ୍ ଦିଆଯିବା ପରେ ୭ କୋଟି ୮ ଲକ୍ଷ ଭୋଟରଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇବ । ଚୂଡ଼ାନ୍ତ ଭୋଟର ତାଲିକାରୁ ୧ କୋଟି ୨୦ ଲକ୍ଷଙ୍କ ନାମ ବାଦ୍ ଦିଆଯିବା ସଂକ୍ରାନ୍ତ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଭିଯୋଗକୁ ନିର୍ବାଚନ କମିଶନ୍ ଖଣ୍ଡନ କରିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ତାଲିକା ପ୍ରକାଶିତ ହେବାକୁ ଯାଉଛି । ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବା ପରେ ନିର୍ବାଚନ ବିଜ୍ଞପ୍ତି ଜାରି ହେବା ପର୍ଯ୍ୟନ୍ତ ସମାଧାନ ହୋଇଥିବା ଏବଂ ଅନୁମୋଦିତ ହୋଇଥିବା ଦାବି ଏବଂ ଆପତ୍ତିଗୁଡ଼ିକୁ ଚୂଡ଼ାନ୍ତ ତାଲିକାର ଅଂଶ ଭାବେ ବିବେଚନା କରାଯିବ । ସମାଧାନ ନ ହୋଇଥିବା ଆପତ୍ତି ଅଭିଯୋଗ ପାଖରେ 'ବିଚାର କିମ୍ବା ଡିଲିଟ୍' ଶବ୍ଦ ଦ୍ୱାରା ଚିହ୍ନଟ କରାଯିବ ବୋଲି ସେ କହିଛନ୍ତି ।

# ଶ୍ରୀଲଙ୍କା ପିଏମ୍-ଇଣ୍ଡିଆ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିଣି ଅମରସୂରୀୟା ଭାରତର ଦ୍ୱିପାକ୍ଷିକ ଦୃଢ଼ ବ୍ୟବସାୟିକ ସମ୍ପର୍କ, ନିବେଶ ଏବଂ ପର୍ଯ୍ୟଟକଙ୍କ ଗସ୍ତକୁ ପ୍ରଶଂସା କରିଛନ୍ତି । ନୂଆଦିଲ୍ଲୀ ସହିତ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ କଲମ୍ବୋର ଅଙ୍ଗିକାରବଦ୍ଧତାକୁ ଏହା ପ୍ରତିପାଦନ କରିଛି । ଭାରତର ୭୭ତମ ଗଣତନ୍ତ୍ର ଦିବସ ଏବଂ ଶ୍ରୀଲଙ୍କାର ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ସ୍ମାରକୀ ନୈଶ୍ୟ ଭୋଜିକୁ ସମ୍ବୋଧନ କରି ଡକ୍ଟର ଅମରସୂରୀୟା କହିଛନ୍ତି,  ଭାରତୀୟ ବ୍ୟବସାୟୀ ଗୋଷ୍ଠୀ ଏବଂ ପର୍ଯ୍ୟଟକଙ୍କ ମାଧ୍ୟମରେ ଶ୍ରୀଲଙ୍କାରେ ଜନସମ୍ପର୍କ ଆଦାନପ୍ରଦାନ ଅଧିକ ସଶକ୍ତ ହୋଇଛି । ଶ୍ରୀଲଙ୍କା-ଭାରତ ସମାଜ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କୂଟନୀତିଜ୍ଞ, ବ୍ୟବସାୟ ଗୋଷ୍ଠୀ ମୁଖ୍ୟ ଏବଂ ପ୍ରବାସୀ ଭାରତୀୟ ଯୋଗଦେଇଥିଲେ । ଡକ୍ଟର ଅମରସୂରୀୟା ଭାରତକୁ ଶ୍ରୀଲଙ୍କାର ନିକଟତମ ଅଂଶିଦାର ଭାବେ ବର୍ଣ୍ଣନା କରିବା ସହ ଆହ୍ୱାନ ମୁକାବିଲା ଦିଗରେ ନୂଆଦିଲ୍ଲୀର ନିରନ୍ତର ସମର୍ଥନକୁ ସ୍ୱୀକାର କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ । ଦ୍ୱିପାକ୍ଷିକ, ଆର୍ଥିକ, ସାଂସ୍କୃତିକ ଏବଂ ସାମାଜିକ ସହଯୋଗକୁ ଅଧିକ ତ୍ୱରାନ୍ୱିତ କରିବାରେ ତାଙ୍କ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଡକ୍ଟର ଅମରସୂରୀୟା ଆଲୋକପାତ କରିଥିଲେ ।

## ଏଆଇ ସମିଟ୍ ରିଆକସନ୍-ରୋବୋଟିକ୍ସ

କୃତ୍ରିମ ବୁଦ୍ଧିମତା ଆଧାରିତ ରୋବୋଟିକ୍ସ ବ୍ୟବସ୍ଥା ଏବେ ସେବା ପ୍ରଦାନ ତଥା ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ସକ୍ଷମତାର ସହ କାର୍ଯ୍ୟକ୍ଷମ ହୋଇପାରୁଛି ବୋଲି ୟୋଙ୍ଗଭାଟର୍‌ଙ୍କ ପ୍ରତିନିଧି କାର୍ତ୍ତିକ ପାଣ୍ଡ୍ୟା କହିଛନ୍ତି । ନୂଆଦିଲ୍ଲୀଠାରେ ସମ୍ପ୍ରତି ଅନୁଷ୍ଠିତ ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ୨୦୨୬ ଅବସରରେ ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାକାଳରେ ଶ୍ରୀ ପାଣ୍ଡ୍ୟା କହିଛନ୍ତି, ସମ୍ମିଳନୀରେ ରୋବୋଟିକ୍ସ ଯନ୍ତ୍ରର ଉତ୍ପାଦନ ଏବଂ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି କୃଷି ଓ ପରିଚାଳନାଗତ ଶିଳ୍ପ କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବା ଉପରେ ଆଲୋକପାତ କରାଯାଇଛି । ୟୋଙ୍ଗୋଭାଟର୍‌ଙ୍କ ଦଳ ମଧ୍ୟପ୍ରଦେଶରେ ପ୍ରଥମ ଥ୍ରୀ-ଡି’ ପ୍ରିଣ୍ଟେଡ୍ ହ୍ୟୁମାନାଏଡ୍ ରୋବୋଟ୍ ଉପସ୍ଥାପନ କରିଛି । ଜନସମ୍ପର୍କ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ଏହି ରୋବୋଟ୍ ତାଙ୍କ ଦଳକୁ ଦଳକୁ ସହାୟତା ପ୍ରଦାନ କରୁଛି ବୋଲି ଶ୍ରୀ ପାଣ୍ଡ୍ୟା କହିଛନ୍ତି ।

## କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ସୁପର-ଏଇଟ୍ ପର୍ଯ୍ୟାୟର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ’ ଜିମ୍ବାୱେକୁ ୭୨ରନ୍‌ରେ

ପରାସ୍ତ କରିଛି ।  ଟସ୍ ଜିତି ଜିମ୍ବାୱେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୨୫୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ୫୦ରନ୍ ଏବଂ ଅଭିଶେକ ଶର୍ମା ୫୫ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ୬ ୱିକେଟ୍ ବିନିମୟରେ ୧୮୪ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଆସନ୍ତା ରବିବାର ଦିନ ଭାରତ ସୁପର୍-ଏଇଟ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବ ।